# NATIONAL NEWS BULLETIN (ODIA)

## 16th August - 2026

## Evening Bulletin : 7.15 p.m.

******************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଭାରତକୁ ୨୦୪୭ ମସିହା ସୁଦ୍ଧା ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବାପାଇଁ ଯୁବ, ଗରିବ, ମହିଳା ଓ କୃଷକମାନଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଛି; କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

— ରାଜସ୍ଥାନରେ ୬ ହଜାର ୪ ଶହ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବିନିଯୋଗରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପର କଲେ ଉଦ୍‌ଘାଟନ ଓ ଶିଳାନ୍ୟାସ ।

- ଛାତ୍ରସମାଜକୁ 'ଦେଶ ପ୍ରଥମ' ନୀତି ଆଧାରରେ ନିଜର ଜ୍ଞାନ, ଦକ୍ଷତା ଓ ନବସୃଜନକୁ ବିନିଯୋଗ କରିବାକୁ ଉପରାଷ୍ଟ୍ରପତିଙ୍କ ଆହ୍ୱାନ ।

- ରୁଷ ଓ ୟୁକ୍ରେନ୍ ମଧ୍ୟରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୧୧ ଜଣଙ୍କର ମୃତ୍ୟୁ ।

ଏବଂ

- ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ ଓ ଚୀନ୍ ମଧ୍ୟରେ ଖେଳ ୨-୨ରେ ଅମୀମାଂସିତ ।

## ଅମିତ୍ ଶାହା - ରାଜସ୍ଥାନ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି, ୨୦୪୭ ମସିହା ସୁଦ୍ଧା ଭାରତକୁ ଏକ ପୂର୍ଣ୍ଣ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲକ୍ଷ୍ୟ ପୂରଣ ଲାଗି ଯୁବ, ଗରିବ, ମହିଳା ଏବଂ କୃଷକମାନଙ୍କୁ ସଶକ୍ତ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଏହି ବର୍ଗର ଲୋକଙ୍କ କଲ୍ୟାଣ ଏବଂ ବିକାଶ ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି । ରାଜସ୍ଥାନର ଅଲ୍‌ୱାର୍‌ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା ଏହା କହିଛନ୍ତି । ଶ୍ରୀ ଶାହା ରାଜସ୍ଥାନର ୧୭ଟି ଜିଲ୍ଲାର ୬ ହଜାର ୪୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେ କହିଛନ୍ତି, କୃଷକମାନଙ୍କ କଲ୍ୟାଣ ନିମନ୍ତେ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୧୪ରୁ ୨୦୨୬ ମସିହା ମଧ୍ୟରେ କେନ୍ଦ୍ର ସରକାର  କୃଷକମାନଙ୍କପାଇଁ ଅନେକ ଯୋଜନା ଶୁଭାରମ୍ଭ କରିଛନ୍ତି ଏବଂ ସର୍ବନିମ୍ନ ସହାୟତା ରାଶି ବୃଦ୍ଧି କରିଛନ୍ତି ।

***Voice (Shah - Kissan)*** :........

ଶ୍ରୀ ଶାହା ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ଗ୍ରାମୀଣ ଅର୍ଥନୀତିରେ ପରିଣତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଅଧିକ ଦୁଗ୍ଧ ଉତ୍ପାଦନ ଜାତୀୟ ଗାଈ ଏବଂ ମଈଁଷି ରାଜସ୍ଥାନର ପ୍ରତ୍ୟେକ ଘରେ ଉପଲବ୍ଧ ହେବା ସୁନିଶ୍ଚିତ କରାଯିବ ବୋଲି ସେ କହିଛନ୍ତି । ଏହି ଅବସରରେ ଶ୍ରୀ ଶାହା ମୁଖ୍ୟମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ଅଧୀନରେ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପ୍ରତ୍ୟକ୍ଷ ପାଣ୍ଠି ହସ୍ତାନ୍ତର କରିଥିଲେ ।

ରାଜସ୍ଥାନର ଚିତ୍ତୋରଗଡ଼ ଜିଲ୍ଲାର ନିମ୍‌ବାହେରାଠାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଏକ ବିରାଟ ପ୍ରତିମୂର୍ତ୍ତି ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଉନ୍ମୋଚନ କରିଛନ୍ତି । ଏହି ଅବସରରେ ଶ୍ରୀ ଶାହା’ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ତାଙ୍କୁ ଅଜାତଶତ୍ରୁ ବୋଲି ବର୍ଣ୍ଣନା କରିଛନ୍ତି । ସ୍ୱର୍ଗତ ବାଜପେୟୀ କେବେ ତାଙ୍କ ନୀତି ଓ ଆଦର୍ଶରୁ ପଥଚ୍ୟୁତ ହେଉ ନ ଥିଲେ ଏବଂ ସେ ‘ଦେଶ ପ୍ରଥମ’ ଉପରେ ଗୁରୁତ୍ୱ ପ୍ରଦାନ କରିବା ସହ ଅନେକ ଐତିହାସିକ ନିଷ୍ପତ୍ତି ନେଇଥିଲେ ।

***Voice (Shah - Bajpeyee)*** :........

# ଭି.ସି. – ତାମିଲ୍‌ନାଡୁ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଜ୍ଞାନ, ଦକ୍ଷତା ଏବଂ ନବସୃଜନକୁ ଦେଶ ପ୍ରଥମ ନୀତି

ଆଧାରରେ ରାଷ୍ଟ୍ରଗଠନ ଦିଗରେ ବିନିଯୋଗ କରିବାକୁ ଆହ୍ୱାନ ଦେଇଛନ୍ତି । ଚେନ୍ନାଇ ନିକଟବର୍ତ୍ତୀ କାଟ୍ଟାନକୁଲାଥୁରସ୍ଥିତ ଏସ୍.ଆର୍.ଏମ୍. ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସଂସ୍ଥାନର ୨୨ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଉପରାଷ୍ଟ୍ରପତି କହିଛନ୍ତି, ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଗଠନ ଯାତ୍ରା ଦିଗରେ ଯୁବବର୍ଗଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କୋଭିଡ୍-୧୯ ସମୟରେ ଭାରତର ଭୂମିକା ମନେପକାଇ ଶ୍ରୀ ରାଧାକ୍ରିଷ୍ଣନ କହିଛନ୍ତି, ସେହି ଦୁର୍ଦ୍ଦିନ ସମୟରେ ଭାରତ ୧୦୦ରୁ ଊର୍ଦ୍ଧ୍ୱ ଦେଶକୁ ପ୍ରତିଷେଧକ ଟିକା ଯୋଗାଇଥିଲା । ଏହା ଭାରତର ମାନବିକତା ଏବଂ ବିଶ୍ୱ ମଙ୍ଗଳ ଦିଗରେ ପ୍ରତିବଦ୍ଧତା ଦର୍ଶାଇଥିଲା ବୋଲି ଉପରାଷ୍ଟ୍ରପତି କହିଛନ୍ତି । ୨୦୧୪ ମସିହା ପରଠାରୁ ଦେଶରେ ଉଚ୍ଚତର ଶିକ୍ଷାକ୍ଷେତ୍ରରେ ବ୍ୟାପକ ବୃଦ୍ଧି ଘଟିଛି । ବହୁସଂଖ୍ୟାରେ ମହିଳା ଉଚ୍ଚତର ଶିକ୍ଷା ଲାଭ କରିବାର ସୁଯୋଗ ପାଇଛନ୍ତି । କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ଟେକ୍ନୋଲୋଜି, ସେମିକଣ୍ଡକ୍ଟର, ରୋବୋଟିକ୍ସ ଏବଂ ଜୈବ ପ୍ରଯୁକ୍ତିବିଦ୍ୟା ଶିକ୍ଷାର ଗୁରୁତ୍ୱ ରହିଛି ବୋଲି ସେ କହିଛନ୍ତି । ଶ୍ରୀ ରାଧାକ୍ରିଷ୍ଣନ୍’ ଛାତ୍ରଛାତ୍ରୀମାନଙ୍କୁ ନିଶାସେବନଠାରୁ ଦୂରରେ ରହି ଶୃଙ୍ଖଳା ବଜାୟ ରଖିବା ସହ ନିଜର ଦକ୍ଷତା ପ୍ରତିପାଦିତ କରିବା ଲାଗି ପରାମର୍ଶ ଦେଇଥିଲେ ।

## ମନୋହରଲାଲ୍ ଟ୍ରିବ୍ୟୁଟ୍ - ହରିୟାଣା

କେନ୍ଦ୍ରମନ୍ତ୍ରୀ ମନୋହର ଲାଲ୍' ସ୍ୱାଧୀନତା ସଂଗ୍ରାମୀ ମହରାଣୀ ଅବନ୍ତୀ ବାଇ ଲୋଧିଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ହରିୟାଣାର କର୍ଣ୍ଣାଲ୍‌ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମହାରାଣୀ ଅବନ୍ତୀ ବାଇଙ୍କ ସାହସ ଏବଂ ବୀରତ୍ୱ ବର୍ଣ୍ଣନା କରିବା ସହ ଦେଶର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନର ସ୍ମୃତିଚାରଣ କରିଥିଲେ । ୧୮୫୭ ମସିହା ବିଦ୍ରୋହ ସମୟରେ ଅବନ୍ତୀ ବାଇ ତାଙ୍କର ଅନନ୍ୟ ସାହସ ଏବଂ ବୀରତ୍ୱ ପ୍ରଦର୍ଶନ କରିଥିଲେ । ଶ୍ରୀ ମନୋହର ଲାଲ୍' ଦେଶ ପ୍ରତି ଏକତା, ଅଖଣ୍ଡତା ସୁଦୃଢ଼ କରିବା ଦିଗରେ ତାଙ୍କର ରହିଥିବା ନୀତି ଓ ଆଦର୍ଶକୁ ସମସ୍ତେ ପାଳନ କରିବାଲାଗି ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

## ରୁଷ୍ - ୟୁକ୍ରେନ୍ କନ୍‌ଫ୍ଲିକ୍ଟ

ରୁଷ୍ ଓ ୟୁକ୍ରେନ ମଧ୍ୟରେ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣରେ ଉଭୟ ପକ୍ଷର ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ରୁଷ୍‌ର ବିଭିନ୍ନ ଅଞ୍ଚଳରେ ୟୁକ୍ରେନ୍‌ର ଶତାଧିକ ଡ୍ରୋନ୍ ଆକ୍ରମଣରେ ୬ ଜଣଙ୍କର ମୃତ୍ୟୁ

ଘଟିଛି । ରୁଷ୍‌ର ଦକ୍ଷିଣ-ପଶ୍ଚିମ ରୋଷ୍ଟଭ ପ୍ରଦେଶରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ୟୁକ୍ରେନ୍‌ର ଏହି ଆକ୍ରମଣରେ ବହୁସଂଖ୍ୟକ ବାସଗୃହ ଏବଂ ରେଳଷ୍ଟେସନ ମଧ୍ୟ ନଷ୍ଟ ହୋଇଛି । ମସ୍କୋର ଗଭର୍ଣ୍ଣର' ୟୁକ୍ରେନ୍‌ର ଏହି ଡ୍ରୋନ୍ ଆକ୍ରମଣ ସୁନିଶ୍ଚିତ କରିଛନ୍ତି । ପୋଡୋଲ୍‌ସ୍କ ୱାଇଲ୍‌ଡବେରୀ ଗୋଦାମ ଗୃହରେ ଏହି ଆକ୍ରମଣରେ ନିଆଁ ଲାଗିଯାଇଥିବା ସେ ସୂଚନା ଦେଇଚନ୍ତି । ଅପରପକ୍ଷରେ ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ୟୁକ୍ରେନ୍‌ର ୮୨୨ଟି ଡ୍ରୋନ୍‌କୁ ନଷ୍ଟ କରାଯାଇଥିବା ସୂଚନା ଦିଆଯାଇଛି । ରୁଷ୍‌ର ଆକ୍ରମଣରେ ୟୁକ୍ରେନ୍‌ର ୫ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ଦିଆଯାଇଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲ୍‌ଦିମିରି ଜେଲେନ୍‌ସ୍କି କହିଛନ୍ତି, କ୍ରୀଭି ଉପରେ କ୍ଷେପଣାସ୍ତ୍ର ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ହେବା ସହ ୧୪ ଜଣ ଆହତ ହୋଇଛନ୍ତି । ସେହିପରି ସୁମୀରେ ଜଣଙ୍କର ଏବଂ ଜାପୋରିଝିଆରେ ୨ ଜଣଙ୍କର ମୃତ୍ୟୁ ଘଟିଛି ।

## ଇଣ୍ଡୋନେସିଆ - କ୍ୱେକ୍ ଇମର୍ଜନ୍‌ସୀ

ଇଣ୍ଡୋନେସିଆର ପୂର୍ବ ନୁସା ଟେଙ୍ଗାରା ପ୍ରଦେଶ ଅଞ୍ଚଳରେ ୧୪ ଦିନିଆ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି । ଗତକାଲି ସକାଳେ ଫ୍ଲେରେସ୍ ଉପକୂଳରେ ୭ ଦଶମିକ ୭ ତୀବ୍ରତାବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଥିଲା । ପୂର୍ବ ନୁସା ଟେଙ୍ଗାରା ଗଭର୍ଣ୍ଣର ମେଲ୍‌କି ଲାକା ଲେନା ଏହି

ଜରୁରୀ ପରିସ୍ଥିତି ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଘୋଷଣା କରିଛନ୍ତି । ଅଞ୍ଚଳରେ ବିପର୍ଯ୍ୟୟ ପରିଚାଳନା, ରିଲିଫ୍ ଯୋଗାଣ ଏବଂ ଉଦ୍ଧାର କାର୍ଯ୍ୟ ତ୍ୱରିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଇଣ୍ଡୋନେସିଆର ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ପକ୍ଷରୁ ଭୂମିକମ୍ପରେ ୫୧ ଜଣଙ୍କର ମୃତ୍ୟୁ ହେବା ସହ ୧୧୩ ଜଣ ଆହତ ହୋଇଥିବା ସୂଚନା ଦିଆଯାଇଛି ।

## ଇଣ୍ଡିଆ - ବ୍ରିକ୍ସ

ନୂଆଦିଲ୍ଲୀରେ ଆସନ୍ତା ମଙ୍ଗଳବାର ଦିନ ଦ୍ୱାଦଶ ବ୍ରିକ୍ସ ପରିବେଶ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ଜଳବାୟୁ ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଆଧାରିତ ପରିବେଶ କାର୍ଯ୍ୟଗୋଷ୍ଠୀ ଓ ଯୋଗାଯୋଗ ଗୋଷ୍ଠୀର ବୈଠକ ଅନୁଷ୍ଠିତ ହେବା ନେଇ କାର୍ଯ୍ୟସୂଚୀ ରହିଛି। ଭାରତର ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଥିବା ଏହି ବୈଠକରେ ନିରନ୍ତରତା, ନବସୃଜନ, ସହଯୋଗ ଏବଂ ବିକାଶ ଆଧାରିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହେବ। ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ବୈଠକରେ ଅଧ୍ୟକ୍ଷତା କରିବେ। ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରଣାଳୟ କହିଛି, ବିଭିନ୍ନ ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ତଥା ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପରିବେଶଗତ ସହଯୋଗକୁ

ଅଧିକ ସୁଦୃଢ଼ କରିବା ନେଇ ଏହି ବୈଠକ ଏକ ମଞ୍ଚ ପ୍ରଦାନ କରିବ। ସ୍ଥାୟୀ ଜୀବନଶୈଳୀ, ବନୀକରଣ, ବନାଗ୍ନି ଜନିତ ବିପର୍ଯ୍ୟୟକୁ ପ୍ରତିହତ କରିବା ଆଦି କ୍ଷେତ୍ରଗୁଡ଼ିକ ଉପରେ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆସନ୍ତାକାଲି ରାତି ସାଢ଼େ ୯ଟାରେ **ଖାଉଟି ଅଧିକାର ଏବଂ ବ୍ୟବସାୟୀ ବାଣିଜ୍ୟିକ ସଙ୍କେତରେ ଭ୍ରମସୃଷ୍ଟି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ  ସେମାନଙ୍କର ପ୍ରଶ୍ନ ୦୧୧-୨୩୭୧୭୧୧୭, ୨୩୩୧୪୪୪୪, ୨୩୩୧୦୪୮୧ ଏବଂ ୨୩୭୧୭୧୦୬ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍  ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ୱିମେନ୍ ହକି ଡବ୍ଲ୍ୟୁ.ସି.

ଏଫ୍.ଆଇ.ଏଚ୍. ମହିଳା ହକି ବିଶ୍ୱକପ୍ ପ୍ରତିଯୋଗିତାରେ ଭାରତ' ଚୀନ୍ ବିପକ୍ଷରେ ଖେଳି ତା'ର ଅଭିଯାନ ଆରମ୍ଭ କରିଛି । ନେଦରଲାଣ୍ଡର ଆମ୍‌ଷ୍ଟେଲ୍‌ଭିଲ୍ ୱାଗେନର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ପୁଲ୍-ଡି' ମ୍ୟାଚ୍‌ରେ ଭାରତ ଓ ଚୀନ ମଧ୍ୟରେ ୨-୨ ଗୋଲ୍‌ରେ ଖେଳ ଅମୀମାଂସିତ ରହିଛି । ଭାରତ ପକ୍ଷରୁ ନବନୀତ ପ୍ରଥମ ୮ ମିନିଟ୍‌ରେ ଚୀନ ବିପକ୍ଷରେ ପ୍ରଥମ ଗୋଲ୍ ଦେଇଥିଲେ । ଚୀନ୍ ପକ୍ଷରୁ ଝାଙ୍ଗ୍ ୟିଙ୍ଗ୍ ପେନାଲ୍‌ଟି ଷ୍ଟ୍ରୋକ୍ ଦେଇଥିଲେ । ସେହିପରି ଦୀପିକା ୨୫ତମ ମିନିଟ୍‌ରେ ପେନାଲ୍‌ଟି କର୍ଣ୍ଣର୍ ଗୋଲ୍ ଦେଇଥିବାବେଳେ ଚୀନ୍ ୩୯ତମ ମିନିଟ୍‌ରେ ଦେଇଥିଲେ୍ । ଫଳରେ ଉଭୟ ଦଳ ମଧ୍ୟରେ ୨-୨ ଗୋଲ୍‌ରେ ଖେଳ ଅମୀମାଂସିତ ରହିଥିଲା । ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସହିତ ପୁଲ୍-ଡି'ରେ ଭାରତ ଓ ଚୀନ ରହିଛନ୍ତି । ପୁଲ୍-ଡି'ରୁ ଶ୍ରେଷ୍ଠ ଦୁଇଟି ଦଳ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହେବେ ।

## ବି.ଡବ୍ଲ୍ୟୁ.ଏଫ୍. ସି'ସିପ୍ ରିଆକ୍ସ

ନୂଆଦିଲ୍ଲୀର ଇନ୍ଦିରାଗାନ୍ଧୀ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ବି.ଡବ୍ଲ୍ୟୁ.ଏଫ୍. ବ୍ୟାଡ୍‌ବିଣ୍ଟନ୍ ବିଶ୍ୱ ଚାମ୍ପିଅନସିପ୍ ପ୍ରତିଯୋଗିତା ଆରମ୍ଭ ହେବ।

୨୦୦୯ ମସିହା ପରେ ଦ୍ୱିତୀୟ ଥର ପାଇଁ ଭାରତ ଏହି ଟୁର୍ଣ୍ଣାମେଣ୍ଟର ଆୟୋଜନ କରୁଛି।  ଏହି ପ୍ରତିଯୋଗିତା ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ।

ମହିଳା ସିଙ୍ଗିଲ୍ସ ବିଭାଗରେ ପି.ଭି. ସିନ୍ଧୁ ଭାରତର ନେତୃତ୍ୱ ନେବେ।

ପୁରୁଷ ଏକକ ବର୍ଗରେ  ଆୟୁଷ ସେଟ୍ଟୀ ପ୍ରଥମ ରାଉଣ୍ଡରେ ପୂର୍ବଥରର ଚାମ୍ପିଅନ ତଥା ଶୀର୍ଷ ମାନ୍ୟତା ପ୍ରାପ୍ତ ଚୀନ୍‌ର ସି ୟୁକିଙ୍କ ସହ ମୁକାବିଲା କରିବେ। ପୁରୁଷ ଡବଲ୍ସ ଯୋଡ଼ିରେ ସାତ୍ତ୍ୱିକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ ସେଟ୍ଟି ପଦକପାଇଁ ଆଶାୟୀ ଅଛନ୍ତି । ତ୍ରିଷା ଜଲି ଏବଂ ଗାୟତ୍ରୀ ଗୋପୀଚନ୍ଦ ମହିଳା ଡବଲ୍ସ ମୁକାବିଲାର ନେତୃତ୍ୱ ନେବେ ଏବଂ ଧ୍ରୁବ କାପିଲା ଓ ତନିଷା କ୍ରାଷ୍ଟୋ ମିକ୍ସଡ୍ ଡବଲ୍ସ ଅଭିଯାନର ନେତୃତ୍ୱ ନେବେ।

## ଟେଷ୍ଟ କ୍ରିକେଟ୍ - ଇଣ୍ଡିଆ-ଶ୍ରୀଲଙ୍କା

ଶ୍ରୀଲଙ୍କାର ଗାଲେ ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଚାଲିଥିବା ଭାରତ-ଶ୍ରୀଲଙ୍କା ଚଳିତ ସିରିଜ୍‌ର ପ୍ରଥମ ଟେଷ୍ଟ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ୯ ୱିକେଟ୍ ବିନିମୟରେ ୪୬୦ ରନ୍ ସଂଗ୍ରହ କରିଛି । ଆଜିର ଖେଳ ଶେଷ ସୁଦ୍ଧା ପ୍ରସିଦ୍ଧ କ୍ରିଷ୍ଣା ଏବଂ କୁଳଦୀପ ଯାଦବ ଅପରାଜିତ ଥିଲେ । ଦେବଦତ୍ତ ପାଡ଼ିକଲ୍ ୧୬୭ ରନ୍ ସଂଗ୍ରହ କରିଥିବାବେଳେ କେ.ଏଲ୍. ରାହୁଲ ୮୨ ଏବଂ ଧ୍ରୁବ ଜୁରେଲ୍ ୫୧ ରନ୍ ସଂଗ୍ରହ କରିଥିଲେ । ଶ୍ରୀଲଙ୍କା

ପକ୍ଷରୁ ପ୍ରବଥ ଜୟସୂରିୟା ୪ଟି ୱିକେଟ୍ ନେଇଥିବାବେଳେ କେଶର ନୂଓ୍ୱାନ୍ଙ୍କୁ ୩ଟି ୱିକେଟ୍ ଅକ୍ତିଆର କରିଥିଲେ ।

ଭାରତ ଆଜିର ଦ୍ୱିତୀୟ ଦିନର ବ୍ୟାଟିଂ ଗତକାଲିର ପ୍ରଥମ ଇନିଙ୍ଗ୍ସ ସ୍କୋର୍ ୨ ୱିକେଟ୍ ବିନିମୟରେ ୨୮୮ ରନ୍‌ରୁ ଆରମ୍ଭ କରିଥିଲା । ସିରିଜ୍‌ର ଦ୍ୱିତୀୟ ତଥା ଚୂଡ଼ାନ୍ତ ଟେଷ୍ଟ ମ୍ୟାଚ୍ କଲମ୍ବୋଠାରେ ଆସନ୍ତା ୨୩ ତାରିଖ ଦିନ ଆରମ୍ଭ ହେବ ।

*****